# Akashvani, Sambalpur

## SAMBALPURI NEWS EVENING BULLETIN

**3 January 2025- 7.02 pm- 7.12 pm.**

*********************************************

୧- ରାଜ୍ୟର୍ ନୂଆଁ ରାଜ୍ୟପାଲ୍ ଭାବେ ଶପଥ୍ ନେଲେ ଡକ୍ଟର୍ ହରିବାବୁ କମ୍ଭମପତି ।

୨- ଏଭେ ହେଇଥିବା ଅଦିନିଆ ବର୍ଷାକେ ପ୍ରାକୃତିକ୍ ବିପର୍ଯ୍ୟୟ ଘୋଷ୍ନା କଲେ ମୁଖ୍ୟମନ୍ତ୍ରୀ ।

- ୩୩ ପ୍ରତିଶତ୍ କି ଅଏତ୍କା ନୁକ୍ସାନ୍ ହେଇଥିବା ଚାଷୀମାନେ ପାଏବେ ସାହାଜ୍ ।

୩- ବଡ଼ା ଉସ୍ନାକିଥି ଆଏଜ୍ ମୁଲ୍ ହେଲା ବର୍ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ।

- ବର୍ଗଡ୍ ସହର୍ ହେଲା ମଥୁରାନଗରୀ ଆର୍ ଅମାପାଲି ହେଇଛେ ଗୋପ୍‌ପୁର ।

ଆଉର୍

୪- ରାଏଜେ  ଆଏବା ୨ ଦିନ୍‌ତକ୍ ଜାରି ରହେବା ଜବର୍ ଥଣ୍ଡା ।

- ଆଏଜ୍ ୫ ଟା ସହରର୍ ସବୁନୁ କମ୍ ତାପମାତ୍ରା ୧୦ ଡିଗ୍ରୀ ତଲେ ।

ରାଜ୍ୟପାଳ୍ ଶପଥ୍ ସମାରୋହ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ରାଜ୍ୟପାଳ୍ ଭାବେ ଡକ୍ଟର୍ ହରିବାବୁ କମ୍ଭମପତି ଶପଥ୍ ନେଇଛନ୍ । ହାଇକୋର୍ଟର ମୁଖ୍ୟବିଚାର୍‌ପତି ଜଷ୍ଟିସ୍ ଚକ୍ରଧର ଶରଣ୍ ସିଂହ ଆଏଜ୍ ଦିନ୍‌ବେଲାର୍ ୧୦ ବାଜିକରି ୧୦ ମିନିଟ୍‌ଥି ରାଜ୍ୟପାଳ୍ ଶ୍ରୀ କମ୍ଭମପତିଙ୍କୁ ଶପଥ୍ ପାଠ୍ କରେଇଥିଲେ ।

(ଭଏସ୍ ଓଭର୍- ରାଜ୍ୟପାଳ୍)

ଭୁବନେଶ୍ୱର୍ ରାଜଭବନ୍ ଠାନେ ହେଇଥିବା ଶପଥ୍ ଗ୍ରହଣ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନେ, ବିରୋଧୀ ଦଲର୍ ନେତା ଆର୍ ବହୁତ୍‌ଟେ ସିଆନ୍‌ସୁଜନ୍ ଯୋଗ୍ ଦେଇଥିଲେ । ଶପଥ୍ ଉତ୍ସବ୍ ଉତ୍‌ରୁ ରାଜ୍ୟପାଳ୍‌ଙ୍କୁ ଗାର୍ଡ଼ ଅଫ୍ ଅନର୍ ଦିଆଯାଇଥିଲା ।

କୃଷି ଓଡ଼ିଶା      ସିଏମ୍‌ଓ

ରାଜ୍ୟ ସରକାର୍ ରାଏଜେ ହେଇଥିବା ଅଦିନିଆ ବର୍ଷାକେ ଗୁଟେ ବିପର୍ଯ୍ୟୟ ଭାବେ ଘୋଷ୍ନା କରିଛନ୍ । ସେଥିର୍ଲାଗି ଏସ୍ଡିଆର୍ଏଫ୍ ପାଣ୍ଠିନୁ ଚାଷୀମାନ୍କୁ ୨ ଶହ ୯୧ କୋଟି ୫୯ ଲାଖ୍ ଟଙ୍କାର୍ ଇନ୍ପୁଟ୍ ସବ୍ସିଡି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ବର୍ମୁଣ୍ଡା ପଡ଼ିଆ ନ ୩ ଦିନିଆ କୃଷି ଓଡ଼ିଶା ସମ୍ମିଲନୀ-୨୦୨୫କେ ଉଦ୍ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ଯେନ୍ ଚାଷୀମାନ୍କର୍ ୩୩ ପ୍ରତିଶତ୍ କି ଅଏତ୍କା ଫସଲ୍ ନୁକ୍ସାନ୍ ହେଇଥିବା ସେ ଚାଷୀମାନ୍କୁ ଇ ସାହାଜ୍ ମିଲ୍ବା ।

ସୂଚ୍ନା ଅନ୍ସାରେ ଅଦିନିଆ ବର୍ଷା ଲାଗି ହେଇଥିବା ଫସଲ୍ ନୁକ୍ସାନ୍ ବାବ୍ଦେ ଭିନ୍ ଭିନ୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ମିଲିଥିବା ତଥ୍ୟ ଅନ୍ସାରେ ୬ ଲାଖ୍ ୬୬ ହଜାର୍ ୭ ଶହ ୨୦ ଝନ୍ ଚାଷୀ ଅଦିନିଆ ବର୍ଷା ଲାଗି କ୍ଷତିଗ୍ରସ୍ତ ହେଇଛନ୍ । ୨ ଲାଖ୍ ୨୬ ହଜାର୍ ୭ ଶହ ୯୧ ହେକ୍ଟର୍ ଜମିଥି ୩୩ ପ୍ରତିଶତ୍ନୁ ଅଏତ୍କା ଫସଲ୍ ବର୍ଷା ଲାଗି ନୁକ୍ସାନ୍ ହେଇଛେ । ଉଦ୍ଘାଟନ୍ ସମାରୋହଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଚାଷୀମାନ୍କୁ ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍ଏସ୍ପି ବାବ୍ଦେ ୨ ହଜାର୍ ୩ ଶହ ଟଙ୍କା ଆର୍ ଇନ୍ପୁଟ୍ ସବ୍ସିଡି ବାବ୍ଦେ ୮ ଶହ ଟଙ୍କା ଦିଆଯାଉଛେ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ସେଆଡ଼େ ଫସଲ୍ ବୀମା ଯୋଜ୍ନାର୍ ସମିଆ ୭୨ ଘଂଟା ବଢ଼ିଥିବାର୍‌ନୁ ୨ ଲାଖ୍ ୬୧ ହଜାର୍ ଚାଷୀ ଫସଲ୍ ବୀମା ସାହାଜ୍ ପାଏବାର୍ ଲାଗି ଆବେଦନ୍ କରିପାରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କ୍ଷତିପୂରଣ୍ ବାବ୍‌ଦେ ଆଏଜ୍‌ଠାନୁ ଡିବିଟି ଜରିଏ ଆର୍ଥିକ୍ ସାହାଜ୍ ଦେବାର୍ ମୁଲ୍ ହେଇଛେ । କୃଷି ଓଡ଼ିଶା ସମ୍ମିଲନୀଥି ଅଲ୍‌ଗା ମାନ୍‌କର୍ ଭିତ୍‌ରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ସହେତେ କୃଷି ସଚିବ ଅରବିନ୍ଦ ପାଢ଼ୀ ଉପସ୍ଥିତ୍ ଥିଲେ । ସମ୍ମଲନୀଥି ରାଜ୍ୟର୍ ସବୁ ଜିଲ୍ଲାର୍ ଚାଷୀମାନେ ଯୋଗ୍ ଦେଇଛନ୍ ।

କେବିନେଟ୍ ବୈଠକ୍ ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ କେବିନେଟ୍‌ର ଗୁଟେ ଜରୁରୀ ବୈଠକ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଚାଲିଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଚାଲିଥିବା ଇ ବୈଠକ୍‌ଥି ବନେ ଗୁଡ଼ାଦୁ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲ୍‌ବା ବଲି ସୂଚ୍‌ନା ମିଲିଛେ । ଖାସ୍ କରି ପଂଚାୟତିରାଜ୍, ଶକ୍ତି, ନଗର ଉନ୍ନୟନ୍, ପୂର୍ତ ଆର୍ ଉଚ୍ଚଶିକ୍ଷା ବିଭାଗ୍‌ର ପ୍ରସ୍ତାବ୍ ମାନ୍‌କର୍ ଉପ୍‌ରେ ମୋହର୍ ଲାଗିପାରେ ବଲି ଜନାପଡ଼ିଛେ ।

ରାଜ୍ୟ ପଣ୍ୟାଗାର ନିଗମ-ମୁଖ୍ୟମନ୍ତ୍ରୀ I&PR

ରାଜ୍ୟ ପଣ୍ୟାଗାର ନିଗମ୍ ତର୍ଫୁ ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଲାଭାଂଶ ହିସାବେ ୪ କୋଟି ୩୬ ଲାଖ୍ ଟଙ୍କାର୍ ଗୁଟେ ଚେକ୍ ଦିଆଯାଇଛେ । ଆର୍ଥିକ୍ ବଛର୍ ୨୦୧୯-୨୦ ଆର୍ ୨୦୨୦-୨୧ ଲାଗି ଆଏଜ୍ ଇ ଲାଭାଂଶ ଦିଆଯାଇଛେ । ସମବାୟ, ହସ୍ତତନ୍ତ, ବୟନଶିଳ୍ପମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ, ସମବାୟ ବିଭାଗ୍ ଆୟୁକ୍ତ ଆର୍ ଶାସନ୍ ସଚିବ ରାଜେଶ୍ ପ୍ରଭାକର୍ ପାଟିଲ୍ ଆର୍ ରାଜ୍ୟ ପଣ୍ୟାଗାର୍ ନିଗମ୍ ପରିଚାଳନା ନିର୍ଦ୍ଦେଶକ୍ ମିହିର୍ ପ୍ରସାଦ୍ ମହାନ୍ତି ଇ ଅବ୍‌ସରେ ଉପସ୍ଥିତ୍ ଥିଲେ । ପଣ୍ୟାଗାର୍‌ର ଭଣ୍ଡାରଣ୍ କ୍ଷମତାର୍ ସୁବିନିଯୋଗ୍ ଲାଗି ନିଗମ୍ ସବୁବେଲେ ଲାଭାନ୍ୱିତ ହେଉଛେ ଆର୍ ଇଟାର୍ ଦୁଇ ଅଂଶୀଦାର୍ ରାଜ୍ୟ ସର୍‌କାର୍ ଆର୍ କେନ୍ଦ୍ରୀୟ ଭଣ୍ଡାରଣ ନିଗମ୍‌କେ ଲାଭାଂଶ ଭାବେ ଡିଭିଡେଂଟ୍ ଦେଇ ଆସୁଛେ ବଲି ଅଧିକାରୀମାନେ କହିଛନ୍ ।

ବର୍‌ଗଡ୍ ଧନୁଯାତ୍ରା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆଏଜ୍ ମୁଲ୍ ହେଉଛେ । ହେଥିର୍‌ଲାଗି ଆଏଜ୍ ସଖାଲୁ ସଖାଲୁ ବର୍‌ଗଡ୍ ସହର୍ ଗଜ୍‌ଗଜେଇ ଗଲାନ । ମଏଧାନର୍ ଅଢ଼େ ବଜେନୁ ଗୁଟେ

ସାଂସ୍କୃତିକ୍ ଶୋଭାଯାତ୍ରା ସହରର୍ ଗାନ୍ଧୀ ଛକ୍‌ନୁ ବାହାରିକରି ସମ୍‌ଲେଇଗୁଡ଼ିକେ ଯାଇଥିଲା । ସମଲେଇଗୁଡ଼ିନୁ ପୂଜାଧଜା ଉତ୍ରୁ ହାଟ୍‌ପଦା ଠାନେ ବନାହେଇଥିବା ରାଜ୍‌ଦର୍‌ବାର୍‌କେ ଶୋଭାଯାତ୍ରା ପୁହୁଁଚିଥିଲା ଆର୍ ସଞ୍ଜ୍‌ବେଲେ ଉଦ୍‌ଘାଟନୀ ଉସ୍ବ୍ ମୁଲ୍ ହଉଛେ ।

ଆଝିର୍ କାର୍ଯ୍ୟକ୍ରମ୍ ଭିତ୍‌ରେ ରାଜ୍‌ଦର୍‌ବାର୍ ନ ଦେବକୀ ବସୁଦେବଙ୍କର୍ ବିହା ଉସ୍ବ୍ ରାଜକୀୟ ଆଡ଼ମ୍ବର୍ ସହେତେ ହେବା । ଶୂନ୍ୟବାଣୀ, ମହାରାଜ୍ ଉଗ୍ରସେନ୍‌କେ ଯୁବରାଜ୍ କଂସ ଗାଦିନୁ ହଟେଇକରି ନିଜେ ରାଜା ହେବାର୍, ଦେବକୀ ବସୁଦେବ୍‌ଙ୍କୁ କାରାଗାର୍ ପଠାବାର୍ ଦୃଶ୍ୟାଭିନୟ ହେବା । ଇ ଉଧେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ନାଚ୍‌ଗୀତ୍ କର୍‌ବେ ।

ବର୍‌ଗଡ଼୍ ଧନୁଯାତ୍ରା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧମ୍ ଏକ୍ସ୍‌ଥି ରାଷ୍ଟ୍ରପତି କହିଛନ୍, ବର୍‌ଗଡ଼୍ ଧନୁଯାତ୍ରା ତାର୍ ବିରାଟ୍ ମୁକ୍ତାକାଶ ରଙ୍ଗମଂଚ୍ ଲାଗି ଦେଶେ ବିଦେଶେ ପରିଚିତ ଆଏ । ଆମର୍ ପୌରାଣିକ କଥାବସ୍ତୁକେ ନେଇକରି ପରିବେଷିତ୍ ଲୋକ୍‌ନାଟକ୍ ଦେଶ୍‌ବାସୀଙ୍କର୍ ମନେ ଆଧ୍ୟାତ୍ମିକ୍ ଭାବ ଭରିଦେବା ବଲି ରାଷ୍ଟ୍ରପତି କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ୮ ନୁ ୧୦ ତାରିଖ୍ ତକ୍ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ଲାଗି ଜୋର୍‌ସୋର୍ ପ୍ରସ୍ତୁତି ଚାଲିଛେ । ସମାରୋହକେ ନେଇକରି କମିଶନରେଟ୍ ପୁଲିସ୍ ତର୍‌ଫୁ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଉଛେ । ଇ ସମିଆଥି ଭୁବ୍‌ନେଶ୍ୱର୍ ଠାନେ ୪୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହେବେ । ୬ ଶହ ୫୦ ଝନ୍ ବରିଷ୍ଠ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ଉପ୍‌ରେ ନଜର୍ ରଖିବେ । କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଭିଲ୍ ସୁରକ୍ଷା ଦାୟିତ୍ୱଥି ରହେବେ । ଶୃଙ୍ଖଳିତ୍ ଟ୍ରାଫିକ୍ ବ୍ୟବସ୍ଥା ଉପ୍‌ରେ ଭିଲ୍ ଗୁରୁତ୍ୱ ଦିଆଯାଉଛେ । ଇଥିର୍‌ଲାଗି ସ୍ୱତନ୍ତ୍ର ଯୋଜ୍‌ନା ତିଆର୍ ହେଉଛେ । ସମାରୋହର୍ ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ପୁଲିସ୍ ମାସ୍କଟ୍ ଉନ୍ମୋଚନ୍ କରାଯାଇଛେ । ପ୍ରବାସୀ ଭାରତୀୟମାନ୍‌କର୍ ଲାଗି ପୁଲିସ୍‌ର ହେଲ୍ପ ଲାଇନ୍ ନମ୍ବର୍ ୧୯୬୫ ଜାରି କରାଯାଇଛେ । ପ୍ରବାସୀ ଭାରତୀୟମାନେ ଯେନ୍ତା କିଛି ଅସୁବିଧାଥି ନାଇଁ ପଡ଼୍‌ବେ ସେତାକେ ନଜର୍‌ଥି ରଖିକରି ୭ ଶହ ପ୍ରବାସୀ ମିତ୍ର ଭିଲ୍ ମୁତୟନ୍ ରହେବେ ବଲି ସୂଚ୍‌ନା ଦିଆଯାଇଛେ ।

ରାଜ୍ୟ ଅର୍ଥ ବିଭାଗ୍-ପରାମର୍ଶ I&PR

ରାଜ୍ୟ ଅର୍ଥ ବିଭାଗ୍ ୨୦୨୫-୨୬ ଆର୍ଥିକ୍ ବଛରର୍ ବଜେଟ୍ ବନାବାର୍ ଲାଗି ରାଜ୍ୟବାସୀଙ୍କୁ ଗୁଟେ ଖାସ୍ ୱେବ୍‌ପୋର୍ଟାଲ୍, ଇ-ମେଲ୍, ୱାଟ୍‌ସ୍ଆପ୍, ଏସ୍‌ଏମ୍‌ଏସ୍ ଜରିଏ ପରାମର୍ଶ ମାଗିଛେ । budget.odisha.gov.in/ୱେବ୍‌ସାଇଟ୍‌ଥି କେନ୍ତା ପରାମର୍ଶ ଦେବେ ସେବାବ୍‌ଦେ ଟିକିନିଖି ତଥ୍ୟ ମିଲିପାର୍‌ବା । ଲୋକ୍‌ମାନେ odisha.budget@gov.in ଥି ମେଲ୍ କରିପାର୍‌ବେ, ୯୪୩୮୧୬୧୧୧୧ ଥି ୱାଟ୍‌ସ୍ଆପ୍ ଆର୍ ଏସ୍‌ଏମ୍‌ଏସ୍, ସାମାଜିକ୍ ଗଣମାଧ୍ୟମ୍ ଏକ୍ସ, ଫେସ୍‌ବୁକ୍ ଆର୍ ଇନ୍‌ଷ୍ଟାଗ୍ରାମ୍ ଜରିଏ ପରାମର୍ଶ ପଠେଇପାର୍‌ବେ ବଲି ଅର୍ଥ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ରତ୍ନଭଣ୍ଡାର ମରାମତି          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ମରାମତି କାମ୍ ଆଏଜ୍‌ନୁ ଫେର୍ ମୁଲ୍ ହେଇଛେ । ଆଏଜ୍ ୨ ନମ୍ବର୍ ଭୋଗ ମଣ୍ଡପ ଉତାରୁ ମରାମତି କାମ୍ ମୁଲ୍ ହେଇଥିଲା । ଭକ୍ତମାନେ ମରାମତି ସମିଆଥି ବାହାରକାଠନୁ ଶ୍ରୀଜୀଉମାନ୍‌କର୍ ଦର୍ଶନ୍ କରିଛନ୍ । ସେଆଡ଼େ ଆଜିନୁ ମରାମତି କାମ୍ ଲାଗି କାମ୍‌କରୁଥିବା ଲୁକେ ରତ୍ନଭଣ୍ଡାର୍‌କେ ଯିବାର୍ ଲାଗି ସେବାୟତଙ୍କର୍ ବାଗିର୍

ପାରମ୍ପରିକ୍ ପୋଷାକ୍ ପିନ୍ଧିଥିଲେ । ଇଥିର୍‌ଲାଗି ଶ୍ରମିକ୍ ଆର୍ ଅଧିକାରୀମାନ୍‌କୁ ସ୍ୱତନ୍ତ୍ର ପରିଚୟ ପତ୍ର ଦିଆଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ଡିସେମ୍ବର୍ ୨୫ ତାରିଖ୍‌ନୁ ଗଲାକାଏଲ୍‌ତକ୍ ରତ୍ନଭଣ୍ଡାର୍ ମରାମତି କାମ୍ ସ୍ଥଗିତ୍ ରହିଥିଲା ।

ନିଯୁକ୍ତି ଭିତିକ ଦକ୍ଷତା ବିକାଶ୍ ତାଲିମ I&PR

ପଂଚାୟତିରାଜ୍ ବିଭାଗ୍ ଆଉ ପାନୀୟ ଜଳ ବିଭାଗ୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବା ନିଯୁକ୍ତି ଭିତିକ ଦକ୍ଷତା ବିକାଶ୍ ତାଲିମ୍ କାର୍ଯ୍ୟକ୍ରମ୍ ଦୀନ୍‌ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ୍ କୌଶଲ୍ୟ ଯୋଜ୍‌ନାର୍ ତାଲିମ୍ ମୁଲ୍ ହେଇଛେ । ଆଏଜ୍ ସଖାଲ୍‌ବେଲା ଖୋର୍ଦ୍ଧା ଜିଲ୍ଲା କଂଟାବାଡ଼ ଠାନେ ଥିବା ବିଭାଗ୍‌ର ୨ ଟା ତାଲିମ୍ କେନ୍ଦ୍ର ନ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସଡ଼କ୍ ସୁରକ୍ଷା ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ାର୍ ଖଡ଼ିଆଲ୍ ଠାନେ ସଡ଼କ ସୁରକ୍ଷା ମାସ ପାଲନ୍ ଅବ୍‌ସରେ ଆଏଜ୍ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଖଡ଼ିଆଲ୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଢ଼ିଆ ନୁ ଇ ଶୋଭାଯାତ୍ରା ବାହାରିକରି ଖଡ଼ିଆଲ୍ ବ୍ଲକ୍ ଛକ୍, ୩ ଶହ ୫୩ ନମ୍ବର୍ ଜାତୀୟ ରାଜ୍‌ପଥ ନ ହେଲ୍‌ମେଟ୍ ପିନ୍ଧିଥିବା ବାଇକ୍ ଆରୋହୀମାନ୍‌କୁ ଗୁଲାପ୍‌ଫୁଲ୍ ଦେଇକରି ସ୍ୱାଗତ୍ କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍ ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କରିକରି ହେଲ୍‌ମେଟ୍ ବେଭାର୍, ନାବାଲକ୍‌ମାନ୍‌କୁ ବାଇକ୍ ଚଲାବାର୍‌କେ ନାଇଁ ଦେବାର୍ ସହେତେ ନିଶା ସେବନ୍ କରିକରି ଗାଡ଼ି ନାଇଁ ଚଲାବାର୍ ସହେତେ ସଡ଼କ୍ ସୁରକ୍ଷା ନୀତିନିୟମ୍ ପାଲନ୍ ଲାଗି ଆହ୍ୱାନ୍ ଦେଇଥିଲେ ।

ଧାନ୍ ଘିନା ଆର୍‌ଏନ୍‌ୟୁ / ସମ୍ବଲପୁର

ସାରା ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୮ ଟା ଜିଲ୍ଲାର୍ ୧ ହଜାର୍ ୫ ଶହ ୯୧ ଟା ମଣ୍ଡି ନ ଇହାଦେ ଧାନ୍ ଘିନା ଚାଲିଛେ । ବାକି ୧୨ ଟା ଜିଲ୍ଲା ନ ଖୋବ୍ ଜଲ୍‌ଦି ଧାନ୍ ଘିନା ମୁଲ୍ ହେବା । ଇଥିର୍‌ଲାଗି ଜିଲ୍ଲାମାନ୍‌କୁ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ ବଲି ରାଜ୍ୟ ସୂଚନା, ପ୍ରସାରଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ /ସମ୍ବଲପୁର

ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଆର୍ ତାମିଲ୍ନାଡୁ ଡ୍ରାଗନ୍ସ ଭିତ୍ରେ ଖେଲ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍ଥି ମେଚ୍ ହେବା ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲ୍ପୁର୍

ରାଏଜେ ଆଏବା ୨ ଦିନ୍ ତକ୍ ଜବର୍ ଥଣ୍ଡା ଜାରି ରହେବା । ଅନୁଗୁଲ୍, ଢେଙ୍କାନାଲ୍, କଟକ୍, ଗଞ୍ଜାମ୍, ଗଜପତି, ନୟାଗଡ଼୍, କେନ୍ଦୁଝର୍, ମୟୁର୍ଭଞ୍ଜ୍ର କିଛି ଜାଗା ନ ମଏଧମ୍ନୁ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ସେନ୍ତା ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, କନ୍ଧମାଲ୍ ଆର୍ କୋରାପୁଟ୍ ଜିଲ୍ଲା ନ ଭିଲ୍ ବହଲିଆ କୁହୁଡ଼ି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଆଏଜ୍ ରାଜ୍ୟର୍ ୫ ଟା ସହରର୍ ସବୁନୁ କମ୍ ତାପମାତ୍ରା ୧୦ ଡିଗ୍ରୀ ତଲେ ରହିଥିଲା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।